ପାହାଡ଼ି ଖଡ଼ିଆ ଓ ମାଙ୍କିଡ଼ିଆ ଉନ୍ନୟନ ସଂସ୍ଥାର କାର୍ଯ୍ୟ ଠପ୍

କନିଷ୍ଠ ଯନ୍ତ୍ରୀ, କିରାଣି ଓ ପିଅନ ପଦବୀ ଖାଲି

ବାରିପଦା (ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଜନଜାତି ପାହାଡି ଖଡିଆ ଓ ମାଂକିଡିଆଙ୍କ ଉନ୍ନତି ପାଇଁ ସରକାର ୧୯୮୭-୮୮ ମସିହା ରୁ ତାଙ୍କ ପାଇଁ ଯଶିପୁର ରେ ଏକ ସ୍ଵତନ୍ତ୍ର ଅଫିସ ଖୋଲାଯାଇ ସଠିକ ନିତୀନିୟମ ରେ କାମ ଚାଲି ଆସୁଥିଲା । ଆଜକୁ ୩୮ ବର୍ଷ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ସ୍ଥିତିରେ ଉନ୍ନୟନ କାର୍ଯ୍ୟ ଠପ୍ ହୋଇ ପଡିଛି । କେବଳ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କେତେକ ଉନ୍ନୟନ ପ୍ରକଳ୍ପ କାମ ଚାଲିଛି। ତାହା ମଧ୍ୟ ଅର୍ଥ ଅଭାବ ରୁ ଖଡିଆ ଓ ମାଂକିଡିଆ ରହୁଥିବା ସବୁ ଗ୍ରାମ ରେ କାମ ହୋଇ ପାରୁ ନାହିଁ। ଯଶିପୁର ବ୍ଲକ ଅଧିନସ୍ଥ ୧୯ ଟି ଗ୍ରାମ ରେ ଆଦିବାସୀ ଜନଜାତି ଖଡିଆ ସମ୍ପ୍ରଦାୟର ଲୋକେ ରହୁଥିବାବେଳେ ଗୋଟିଏ ଗ୍ରାମ ଦୁର୍ଦୁରା ରେ ମାଂକିଡିଆ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ସେହିପରି କରଂଜିଆ ବ୍ଲକ ଅନ୍ତର୍ଗତ ୧୩ ଟି ଗ୍ରାମ ରେ ଖଡିଆ ରହୁଥିବା ବେଳେ କେନ୍ଦୁମୁଣ୍ଡି ଗ୍ରାମ ରେ ମାଂକିଡିଆ ମାନେ ରହୁଛନ୍ତି ।ବିଶୋଇ ବ୍ଲକ ର ବାଂକିଡି ଗ୍ରାମ ରେ ଖଡିଆ ରହୁଥିବା ବେଳେ ଚଟାଣି ଗ୍ରାମରେ ମାଂକିଡିଆ ରହୁଛନ୍ତି ।ଠାକୁରମୁଣ୍ଡା ବ୍ଲକ ଅଧିନସ୍ଥ ଅସନକୁଦର ଗ୍ରାମ ରେ ଖଡିଆ ସମ୍ପ୍ରଦାୟର ଲୋକେ ଦୀର୍ଘ ବର୍ଷ ରୁ ରହି ଆସୁଛନ୍ତି। ଆଦିବାସୀ ଜନଜାତି ଙ୍କ କୃଷି, ଶିକ୍ଷା,ସ୍ୱାସ୍ଥ୍ୟ,ଆର୍ଥିକ ବିକାଶ ପାଇଁ ସରକାର ଯେଉଁ ପଦକ୍ଷେପ ନେଇଥିଲେ ତାହା ସମ୍ପ୍ରତି ଦୁର୍ବଳ ହୋଇ ପଡିଛି। ଦୁଇ ବର୍ଷ ହେଲା ପର୍ଯ୍ୟାପ୍ତ ପରିମାଣର ସରକାରୀ ଅନୁଦାନ ଆସୁ ନଥିବାରୁ ଉନ୍ନୟନ ପ୍ରକଳ୍ପ କାମ ହୋଇ ପାରୁନାହିଁ। ତେଣେ ଯଶିପୁର ସ୍ଥିତ ଖଡିଆ ଓ ମାଂକିଡିଆ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ କୋଡିଏ ବର୍ଷ ପୂର୍ବ ରୁ ଥିବା କନିଷ୍ଠ ଯନ୍ତ୍ରୀ ପଦବୀଟି ଖାଲି ପଡିଛି। କରଞ୍ଜିଆ ଆଇଟିଡିଏ କାର୍ଯ୍ୟାଳୟର ଜଣେ କନିଷ୍ଠ ଯନ୍ତ୍ରୀ ଅତିରିକ୍ତ ଦାୟିତ୍ୱ ରେ ରହି କାମ ଚଳାଇ ଥାଆନ୍ତି। ସେହିପରି ଯଶିପୁର ମୂଖ୍ୟ ଅଫିସ୍ ରେ କିରାଣୀ ଓ ଦୁଇଟି ପିଅନ ପଦବୀ ଖାଲି ରହିଛି ।ଫଳରେ ସେଠାରେ ଅଫିସ କାମ ରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏଣୁ ସରକାର ଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ସଖ୍ୟାଲଘୁ ସମ୍ପ୍ରଦାୟ ଓ ଅନ୍ୟାନ୍ୟ ପଛୁଆବର୍ଗ କଲ୍ୟାଣ ବିଭାଗ,ମୟୂରଭଞ୍ଜ ଜିଲ୍ଲାପାଳ ସର୍ବୋପରି କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ର ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ଆଦିବାସୀ ଜନଜାତି ସମ୍ପ୍ରଦାୟରେ ଦାବୀ ହେଉଛି ।

ପ୍ଲାଣ୍ଟେସନ ଗଛ କାଟିବା ନେଇ ଥାନାରେ ଅଭିଯୋଗ; ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ

ବାରିପଦା(ଅମୃତମିଡିଆ): ଯଶୀପୁର ଅଞ୍ଚଳରେ ଏନ୍‌ଏଚ୍-୪୯ କଡରେ ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ୍ ଓ ଏଫଡିସି ପକ୍ଷରୁ ପ୍ଲାଣ୍ଟେସନ କରାଯାଇଥିବା ଗଛକୁ ୨ ଜଣ ବ୍ୟକ୍ତି କାଟିନେଇଥିବା ନେଇ ବିଭାଗ ପକ୍ଷରୁ ଯଶିପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ହେଲେ ଅଭିଯୋଗ ପରେ ମଧ ଏପର୍ଯ୍ୟନ୍ତ ପୋଲିସ କାର୍ଯ୍ୟାନୁଷ୍ଠାନ ନିଆ ଯାଉନଥିବାରୁ ପୋଲିସ ପକ୍ଷରୁ କାର୍ଯ୍ୟପଦ୍ଧତି ଉପରେ ପ୍ରଶ୍ନ ଉଠିଛି । ଅଭିଯୋଗ ଅନୁସାରେ ଟଙ୍ଗାବିଲା ସଂଲଗ୍ନ ଓ ଏଫଡିସି ଅଧୀନସ୍ଥ ଜାଗାରେ ସରକାରୀ ପ୍ଲାଣ୍ଟେସନ ଭାବେ ଲଗାଯାଇଥିବା ଗଛଗୁଡ଼ିକୁ ଦୁଇଜଣ ବ୍ୟକ୍ତି ବେଆଇନ ଭାବେ କାଟି ନଷ୍ଟ କରିଥିବାର ଅଭିଯୋଗରେ ଦର୍ଶାଯାଇଛି । ଏହା ଫଳରେ ସରକାରୀ ସମ୍ପତ୍ତିର କ୍ଷତି ସହ ପରିବେଶ ଉପରେ ମଧ ପ୍ରଭାବ ପଡୁଥିବାର ବିଭାଗ ପକ୍ଷରୁ ଉଲ୍ଲେଖ କରାଯାଇଛି । ଏହି ଘଟଣାକୁ ଗୁରୁତର ଭାବେ ନେଇ ଓଏଫଡିସି କରଞ୍ଜିଆ ଉପଖଣ୍ଡ ପକ୍ଷରୁ ଯଶିପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା । ଅଭିଯୋଗ ପରେ ମଧ ପୋଲିସ ପକ୍ଷରୁ ଏତଲା ରୁଜୁ ହୋଇନଥିବା ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ ମତରେ, ସରକାରୀ ପ୍ଲାଣ୍ଟେସନ ଗଛ କାଟିବା ଭଳି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ଥିଲେ ମଧ ପୋଲିସର ନୀରବତା ଅନେକ ସନ୍ଦେହ ସୃଷ୍ଟି କରୁଛି । ଘଟଣାର ନିଷ୍ପକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି ହେଉଛି ।

ଟ୍ରଷ୍ଟ ପକ୍ଷରୁ ବଳଦେବ ହାଇସ୍କୁଲକୁ ଆକୁଆଗାର୍ଡ ପ୍ରଦାନ

କେନ୍ଦ୍ରାପଡ଼ା(ଅମୃତମିଡିଆ): ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବଳଦେବ ହାଇସ୍କୁଲକୁ ଏକ ଆକୁଆଗାର୍ଡ ପ୍ରଦାନ କରାଯାଇଛି । ବିଦ୍ୟାଳୟ ପକ୍ଷରୁ ଏକ ଆକୁଆଗାର୍ଡର ନିତ୍ୟାନ୍ତ ଆବଶ୍ୟକତା ଥିବା ସମ୍ପର୍କରେ ଟ୍ରଷ୍ଟକୁ ଅବଗତ କରାଯାଇଥିଲା। ଏସମ୍ପର୍କରେ ଜାଣିବା ପରେ ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ସୁଦୂର ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମେରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ଆକୁଆଗାର୍ଡ ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଡ. ଦାସଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟି ଭୁବନମନୋହନ ଦାସ ଟ୍ରଷ୍ଟ ପକ୍ଷରୁ ଏକ ନୂତନ ଆକୁଆଗାର୍ଡ ବଳଦେବ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରୁବିନା ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ପ୍ରଦାନି ସମୟରେ ତପନ କୁମାର ଦାସ ଓ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନୃସିଂହ ତ୍ରିପଠୀ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା, ଚିକିତ୍ସା ସହାୟତା ଓ ଗରୀବ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ମେଧାବୃ□ ପ୍ରଦାନ କରାଯାଇଥାଏ।

ସାମାଜିକ ସୁରକ୍ଷାରୁ ବଂଚିତ ଛୋଟରାୟ

ବାରିପଦା /ଉଦଳା(ଅମୃତମିଡିଆ): ଯେ ହେଉଛି ବଡ଼ସାହି ବ୍ଲକର ସୁହାଗପୁରା ପଂଚାୟତ ଅନ୍ତର୍ଗତ ଗୁହାଳଡ଼ିହି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତ ହରି ସୋରେନଙ୍କର ପୁତ୍ର ଛୋଟରାୟ ସୋରେନ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । 'ଛୋଟରାୟ'ଙ୍କୁ ବର୍ତମାନ ବୟସ ୬୮ ବର୍ଷ ଛୁଇଁଥିବା ବେଳେ ଦିନମଜୁରିଆ ଭାବରେ କାମ କରି ସେ ତାଙ୍କର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର କଥା କହିଛନ୍ତି । ବୟସ ଅତିକ୍ରାନ୍ତ ହୋଇଯାଇଥିବାରୁ ସେ ଆଉ ଆଗଭଳି ଖଟିପାରୁ ନାହାଁନ୍ତି । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ଭତା ପାଇବା ପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

ସେଟେଲାଇଟ୍ ଅବକାରୀ ବିଭାଗର ଚଢ଼ାଉ, ୨୨୫୦ କେଜି ପୋଚ ଓ ୨୫୦ ଲିଟର ଦେଶୀ ମଦ ଜବତ

ବାରିପଦା (ଅମୃତମିଡିଆ): ବାଲେଶ୍ୱର ଜିଲ୍ଲାର ଅବକାରୀ ବିଭାଗର ସେଟେଲାଇଟ ଟିମ ଇନ୍ସପେକ୍ଟର ଲକ୍ଷୋୟ ସାଧବ ପ୍ରଧାନ ଙ୍କ ନେତୃତ୍ୱରେ ଏକ ଟିମ୍ ମୋରଡା ବ୍ଲକର ଘୋଡାବନ୍ଧା ଏବଂ ଖୁଣ୍ଟାପାଳ ଠାରେ ଚଢାଉ କରି ବିପୁଳ ପରିମାଣରେ ପୋଚ ଓ ଦେଶୀ ମଦ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ କୌଣସି ସୂତ୍ରରୁ ଅବକାରୀ ସେଟେଲାଇଟ ଟିମ୍ ଖବର ପାଇ ଘୋଡାବନ୍ଧା ଏବଂ ଖୁଣ୍ଟାପାଳ ଜଙ୍ଗଲରେ ଚଢ଼ାଉ କରିଥିଲା ଟିମ । ଜଙ୍ଗଲ ଭିତରେ ଚୋରା ରେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ସମୟରେ ଅବକାରୀ ବିଭାଗ କୁ ଦେଖି ଅଭିଯୁକ୍ତ ମାନେ ଖସି ପଳାଇଥିଲେ । ତେବେ ବିଭାଗ ପକ୍ଷରୁ ୨୨୫୦ କେଜି ପୋଚ ଓ ୨୫୦ ଲିଟର ଦେଶୀ ମଦ ଜବତ କରାଯାଇଛି । ପରେ ସମସ୍ତ ପୋଚ ଓ ଦେଶୀ ମଦ କୁ ନଷ୍ଟ କରିଦିଆଯାଇଛି । ଚଢ଼ାଉ ରେ ସାମିଲ ଥିଲେ ଅବକାରୀ ବିଭାଗ ର ସଲାଇ ହେମ୍ରମ, ବରୁଣ କୁମାର ନାୟକ, ବିଶ୍ୱନାଥ ଭୋଇ, ମଧୁସ୍ମିତା ମହାନ୍ତ । ବେଆଇନ ଭାବେ ତିଆରି ହେଉଥିବା ଦେଶୀ ମଦ ପିଇ ଅନେକ ସମୟରେ ଅନେକ ଲୋକଙ୍କ ଜୀବନ ଯାଉଥିବା ବେଳେ ଚଢାଉ କୁ ଆହୁରି ଜୋରଦାର କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣ ରେ କୁହାଯାଉଛି ।

ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳନ

ଜିଲ୍ଲାରେ ୧୫ ଦିନିଆ ସଚେତନତା ଅଭିଯାନର ଶୁଭାରମ୍ଭ

ବାରିପଦା(ଅମୃତମିଡିଆ): ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ମୟୂରଭଞ୍ଜ ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ଏକ ୧୫ ଦିନିଆ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଏବଂ ସଚେତନତା ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଉଦ୍ଘାଟନ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ସଚେତନତା ଶୋଭାଯାତ୍ରା ବାରିପଦା ସହର ପରିକ୍ରମା କରି ସ୍ଥାନୀୟ ଛଉ ପଡ଼ିଆଠାରେ ଶେଷ ହୋଇଥିଲା । ଶୋଭାଯାତ୍ରା ମାଧ୍ୟମରେ ଶିଶୁ ଶ୍ରମ ନିରାକରଣ, ଶିକ୍ଷାର ଗୁରୁତ୍ୱ ଏବଂ ଶିଶୁଙ୍କ ଅଧିକାର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗଇପାଇ, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତା ବିଶ୍ୱାଳ, ବାରିପଦା ସହକାରୀ ଶ୍ରମ ଅଧିକାରୀ ପାନମଣୀ ସୋରେନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ଶ୍ରମିକ ସଂଗଠନର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି, ପୁଲିସ କର୍ମଚାରୀ ଏବଂ ଅନ୍ୟାନ୍ୟ ସରକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଅଭିଯାନ ଅବଧି ମଧ୍ୟରେ ସଚେତନତା ରଥଟି ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ଶିଶୁ ଶ୍ରମର କୁପ୍ରଭାବ, ଶିକ୍ଷାର ଆବଶ୍ୟକତା ଏବଂ ପ୍ରତ୍ୟେକ ଶିଶୁ ପାଇଁ ସୁରକ୍ଷିତ ଓ ସମ୍ମାନଜନକ ଶୈଶବ ସୁନିଶ୍ଚିତ କରିବା ନିମନ୍ତେ ସମାଜର ସାମୂହିକ ଦାୟିତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବ । ଶିଶୁ ଶ୍ରମ ମୁକ୍ତ ମୟୂରଭଞ୍ଜ ଗଠନ ପାଇଁ ଏହି ୧୫ ଦିନିଆ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଭାବରେ ଚାଲିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଏହାସହ ଶିଶୁ ଶ୍ରମିକ ଚିହ୍ନଟ, ଉଦ୍ଧାର ଏବଂ ପୁନର୍ବାସନ ପାଇଁ ସ୍ୱତନ୍ତ୍ର ଚଢ଼ାଉ ଓ ଉଦ୍ଧାର ଅଭିଯାନ ମଧ ପରିଚାଳନା କରାଯିବ ।

ପେସା ହେଉଛି ଆଦିବାସୀଙ୍କ ରକ୍ଷାକବଚ: ଶ୍ରୀଧର ମୁର୍ମୁ

ବାରିପଦା (ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, ଠାକୁରମୁଣ୍ଡା ବ୍ଲକ, ଠାକୁରମୁଣ୍ଡା ପଞ୍ଚାୟତର ୩ ନମ୍ବର ୱାର୍ଡ ନିପାଣିଆ ଗ୍ରାମରେ ଶୁକ୍ରବାର ପେସା ଗ୍ରାମସଭା ଓ ପେସା ସଚେତନତା କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ସମାଜର ପାରମ୍ପରିକ ଅଧିକାର, ସ୍ୱଶାସନ ବ୍ୟବସ୍ଥା ଏବଂ ପେସା ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଗ୍ରାମ ଦେହୁରୀ ରସାନନ୍ଦ ବାନ୍ଦିଆ ଗ୍ରାମର ପ୍ରବେଶ ପଥରେ ସ୍ଥାପିତ ପେସା ସୂଚିତ ଭାରତୀୟ ସମ୍ବିଧାନର ଧାରା–୨୪୪ ସମ୍ବଳିତ ପଥର ନିକଟରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ଗ୍ରାମବାସୀଙ୍କ ଉପସ୍ଥିତିରେ ପେସା ସଚେତନତା ସଭା ଆରମ୍ଭ ହୋଇଥିଲା। ତୁରାମ ସିଂ ବାନ୍ଦିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଗ୍ରାମ ମୁଖିଆ ବିଶ୍ୱନାଥ ବାନ୍ଦିଆଙ୍କ ସହ ମୁଖ୍ୟ ଅତିଥି ଭାବେ ପେସା ଡିଷ୍ଟ୍ରିକ୍ଟ କାଉନସିଲ, ମୟୂରଭଞ୍ଜର ସମ୍ପାଦକ ଶ୍ରୀଧର ମୁର୍ମୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହ ସମ୍ପାଦକ ଶ୍ୟାମସୁନ୍ଦର ଟୁଡୁ, ଉପ-ସମ୍ପାଦକ ରାମଚନ୍ଦ୍ର ହେମ୍ବ୍ରମ, ଗଡେତ ଲକ୍ଷ୍ମଣ ମାର୍ଣ୍ଡି ଏବଂ କୋ-ଅର୍ଡିନେଟର ବାଘରାୟ ମୁର୍ମୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସଭାରେ ଅଭିଭାଷଣ ଦେଇ ପେସା ଡିଷ୍ଟ୍ରିକ୍ଟ କାଉନସିଲ ମୟୂରଭଞ୍ଜର ସମ୍ପାଦକ ଶ୍ରୀଧର ମୁର୍ମୁ କହିଥିଲେ ଯେ, ପେସା ଆଇନ ହେଉଛି ଆଦିବାସୀ ସମାଜର ଅଧିକାର, ପରମ୍ପରା, ସଂସ୍କୃତି ଓ ଜଳ-ଜଙ୍ଗଲ-ଜମିର ସୁରକ୍ଷା ପାଇଁ ଏକ ଶକ୍ତିଶାଳୀ ଆଇନଗତ ଅସ୍ତ୍ର। ପେସା ହିଁ ଆଦିବାସୀଙ୍କ ରକ୍ଷା କବଚ ଏବଂ ପେସା ବିନା ଆଦିବାସୀ ସମାଜର ସୁରକ୍ଷା ସମ୍ଭବ ନୁହେଁ। ତେଣୁ ପ୍ରତ୍ୟେକ ଗ୍ରାମବାସୀ ପେସା ଆଇନ ସମ୍ପର୍କରେ ଅବଗତ ହୋଇ ଗ୍ରାମସଭାକୁ ସଶକ୍ତ କରିବା ପାଇଁ ଆଗେଇ ଆସିବା ଆବଶ୍ୟକ। ଏହି ଅବସରରେ ନିପାଣିଆ ପେସା ଗ୍ରାମସଭାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ବିଜୟ ବାନ୍ଦିଆଙ୍କୁ ସଭାପତି, ଚାମ୍ବୁରୁ ବାନ୍ଦିଆଙ୍କୁ ଉପ-ସଭାପତି, ରାମଲାଲ ବାନ୍ଦିଆଙ୍କୁ ସମ୍ପାଦକ, ଲକ୍ଷ୍ମଣ ବାଲିଆଙ୍କୁ ସହ-ସମ୍ପାଦକ ଏବଂ ଶୁଭମ ବାନ୍ଦିଆଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ନବନିର୍ବାଚିତ କର୍ମକର୍ତ୍ତାମାନେ ଗ୍ରାମର ସାମଗ୍ରିକ ବିକାଶ ଓ ପେସା ଆଇନର ସଫଳ କାର୍ଯ୍ୟକାରିତା ପାଇଁ କାମ କରିବାକୁ ସଂକଳ୍ପ ବ୍ୟକ୍ତ କରିଥିଲେ। ସଭାରେ ୱାର୍ଡ ମେମ୍ବର ପ୍ରମିଳା ଲୁଗୁନ, ଅମରେନ୍ଦ୍ର କୁଦାଦାଙ୍କ ସମେତ ବହୁ ଗ୍ରାମବାସୀ ଓ ପେସା ସମର୍ଥକ ଉପସ୍ଥିତ ଥିଲେ। ସମସ୍ତେ ପେସା ଆଇନର ସଠିକ୍ ପ୍ରୟୋଗ ଏବଂ ଗ୍ରାମସଭାର ସଶକ୍ତିକରଣ ଉପରେ ମତାମତ ରଖିଥିଲେ। ଶେଷରେ ମନୋଜ ବାନ୍ଦିଆ ସମସ୍ତ ଅତିଥି, ଗ୍ରାମବାସୀ ଓ ଉପସ୍ଥିତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ। ଧନ୍ୟବାଦ ଅର୍ପଣ ପରେ ସଭାର ସମାପନ ଘୋଷଣା କରାଯାଇଥିଲା। ନିପାଣିଆ ଗ୍ରାମରେ ଅନୁଷ୍ଠିତ ଏହି ପେସା ଗ୍ରାମସଭା ଆଦିବାସୀ ସମାଜ ମଧ୍ୟରେ ପେସା ଆଇନ ସମ୍ପର୍କିତ ସଚେତନତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି।

ନିପାଣିଆ ଗ୍ରାମରେ ପେସା ଗ୍ରାମସଭା

ସାନ୍ତାଳୀ, ମୁଣ୍ଡାରୀ, ହୋ ଓ ଭୂମିଜ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଦାବି

ବାରିପଦା(ଅମୃତମିଡିଆ): ମାସାଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି, ଓଡ଼ିଶାର ଆଦିବାସୀ ସମାଜର ଭାଷା, ସଂସ୍କୃତି ଓ ପରିଚୟର ସୁରକ୍ଷା ନିମନ୍ତେ ସାନ୍ତାଳୀ,ମୁଣ୍ଡାରୀ,ହୋ ଏବଂ ଭୂମିଜ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜ୍ୟ ଭାଷା ଭାବେ ମାନ୍ୟତା ପ୍ରଦାନ କରିବା ଦାବିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଜନଶୁଣାଣି ପ୍ରକୋଷ୍ଠରେ ଅନଲାଇନ ମାଧ୍ୟମରେ ଏକ ସ୍ମାରକପତ୍ର ଦାଖଲ କରିଛନ୍ତି କ୍ଷ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ,ଓଡ଼ିଶାରେ ଲକ୍ଷାଧିକ ଆଦିବାସୀ ଲୋକ ସାନ୍ତାଳୀ, ମୁଣ୍ଡାରୀ, ହୋ ଏବଂ ଭୂମିଜ ଭାଷାରେ କଥାବାର୍ତ୍ତା କରୁଥିବା ବେଳେ ଏହି ଭାଷାଗୁଡ଼ିକ ସରକାରୀ ସ୍ତରରେ ଯଥାର୍ଥ ସମ୍ମାନ ଓ ବ୍ୟବହାରିକ ସ୍ୱୀକୃତି ପାଇପାରିନାହାନ୍ତି କ୍ଷ ସାନ୍ତାଳୀ ଭାଷା ଭାରତୀୟ ସମ୍ବିଧାନର ଅଷ୍ଟମ ତାଲିକାରେ ସ୍ଥାନ ପାଇଥିଲେ ମଧ ରାଜ୍ୟ ସ୍ତରରେ ଏହାର ଉଚିତ ପ୍ରୟୋଗ ଓ ପ୍ରଚାର-ପ୍ରସାର ହୋଇପାରୁ ନାହିଁ କ୍ଷ ସେହିପରି ମୁଣ୍ଡାରୀ, ହୋ ଏବଂ ଭୂମିଜ ଭାଷା ମଧ ଆଦିବାସୀ ସମାଜର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଅମୂଲ୍ୟ ଧରୋହର ହୋଇଥିଲେ ମଧ ସରକାରୀ ଅବହେଳାର ଶିକାର ହୋଇଆସୁଛି କ୍ଷ ରାଜ୍ୟ ସଭାପତି କହିଛନ୍ତି କ୍ଷଯେ, ଓଡ଼ିଶାର ଆଦିବାସୀ ସମାଜର ଭାଷାଗତ ଅଧିକାରକୁ ସମ୍ମାନ ଦେବା ଏବଂ ସମ୍ବିଧାନ ପ୍ରଦତ୍ତ ଭାଷା ସୁରକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ ସାନ୍ତାଳୀ,ମୁଣ୍ଡାରୀ,ହୋ ଓ ଭୂମିଜ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜ୍ୟ ଭାଷା ଭାବେ ଘୋଷଣା କରିବା ଆବଶ୍ୟକ କ୍ଷ ଏହାଦ୍ୱାରା ଶିକ୍ଷା, ପ୍ରଶାସନ,ନିଯୁକ୍ତି ଓ ସରକାରୀ କାର୍ଯ୍ୟକ୍ରମରେ ଏହି ଭାଷାଗୁଡ଼ିକର ବ୍ୟବହାର ବୃଦ୍ଧି ପାଇବ ଏବଂ ଆଦିବାସୀ ସମାଜ ନିଜ ମାତୃଭାଷାରେ ସରକାରୀ ସେବା ପାଇବାର ସୁଯୋଗ ପାଇବେ କ୍ଷ ଯଦି ରାଜ୍ୟ ସରକାର ଏହି ନ୍ୟାୟସଙ୍ଗତ ଦାବି ପ୍ରତି ଶୀଘ୍ର ପଦକ୍ଷେପ ଗ୍ରହଣ ନକରନ୍ତି,ତେବେ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ଗଣଆନ୍ଦୋଳନ ପାଇଁ ଜନଜାଗରଣ ଅଭିଯାନ ଏବଂ ଗଣତାନ୍ତ୍ରିକ ଉପାୟରେ ବ୍ୟାପକ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ମାସାଆର୍ମୀ ପକ୍ଷରୁ ଚେତାବନୀ ଦିଆଯାଇଛି କ୍ଷ ଆଦିବାସୀ ଭାଷା ଓ ପରିଚୟର ସୁରକ୍ଷା ପାଇଁ ଏହି ଲଢ଼େଇ ଆଗାମୀ ଦିନରେ ଅଧିକ ଜୋରଦାର ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ଡିଆରକେ କପ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ଜଗଦ୍ଧାତ୍ରୀ ସୁପର କିଙ୍ଗ୍‌ସ ଚାମ୍ପିୟନ

ବାରିପଦା(ଅମୃତମିଡିଆ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ଡି ଆର କେ କ୍ଲବ ଦ୍ୱାରା ଆୟୋଜିତ ଡି ଆର କେ କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି ଓ ୫ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଜଗଦ୍ଧାତ୍ରୀ ସୁପର କିଙ୍ଗସ ୩୪ ରନରେ ଲାଲବଜାର ୱରିୟାର୍ସ କୁ ପରାସ୍ତ କରି ୨ୟ ବର୍ଷର ଟୁର୍ଣ୍ଣାମେଣ୍ଟରେ ଚମ୍ପିୟାନ ହୋଇଛି ଓ ପ୍ରଥମେ ବ୍ୟାଟିଂ କରି ଜଗଦ୍ଧାତ୍ରୀ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଅଭିଷେକ କୁମାର ଯାଦବ ୬୬, ଶୁଭମ ନାଏକ ୨୬ ଓ ମନୁ ରାମ ୨୧ ରନ କରିଥିବାବେଳେ ବିପକ୍ଷ ଦଳର ଯଶୋବନ୍ତ ମାଝୀ ୫ଟି ଓ ଆଦିତ୍ୟ କୁମାର ବସା ୨ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଲାଲବଜାର ଦଳ ୨୦ ଓଭରରେ ୮ ଉଇକେଟ ୧୫୫ ରନ କରିପାରିଥିଲେ ଓ ଦଳ ପକ୍ଷରୁ ଦିବ୍ୟାଲୋଚନ ଦାଶ ୪୭ ଓ ଆଦିତ୍ୟ କୁମାର ବସା ୩୨ ରନ କରିଥିବାବେଳେ ବିପକ୍ଷ ଦଳର ଉପେନ୍ଦ୍ର ନାୟକ ୩ଟି ଓ ଅଭିଷେକ କୁମାର ଯାଦବ ୨ଟି ଉଇକେଟ ଅକ୍ତିଆର କରିଥିଲେ ଓ ଦିଲ୍ଲୀପ କୁମାର ଦାସ ଓ ଶେଖ ଅମଜାଦ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଙ୍ଗରେ ସହଯୋଗ କରିଥିଲେ ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ ଓ ଚମ୍ପିୟାନ ଦଳକୁ ୧ଲକ୍ଷ ୨୦ହଜାର ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୮୦ ହଜାର ଟଙ୍କା ଓ ପ୍ରଦାନ କରାଯାଇଥିବା ବେଳେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅଭିଷେକ କୁମାର ଯାଦବ, ଶ୍ରେଷ୍ଠ ଖେଳାଳି ଭାବେ ରାମଚନ୍ଦ୍ର ବେହେରା, ଶ୍ରେଷ୍ଠ ବ୍ୟାଟ୍ସମେନ ଭାବେ ଅଭିଜ୍ଞାନ ମହାନ୍ତି, ଶ୍ରେଷ୍ଠ ବୋଲର ଭାବେ ଯଶୋବନ୍ତ ମାଝୀ ଓ ଶ୍ରେଷ୍ଠ ଫିଲଡର ଭାବେ ଶୁଭମ ନାଏକ ପୁରସ୍କୃତ ହୋଇଥିଲେ ଓ ଅତିଥି ଭାବେ ଯୋଗଦେଇ ସରସକଣା ବିଧାୟକ ଭାଦବ ହାଁସଦା, ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ସିନେ ପ୍ରଯୋଜକ ସଂଜୀବ ଦ୍ୱିବେଦୀ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ସମାଜସେବୀ କାଶୀନାଥ ରଣା, ନନ୍ଦିକେଶ ଶେଜପଡା, କ୍ରୀଡା ସଂଗଠକ ନିରୋଜ ସାହୁ ଓ ଅମର କୁମାର ସେଠି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ ଓ ଅମିତାଭ ଦାସ, ସତ୍ୟନାରାୟଣ ଜୀଉ ଓ ମାନସ ଧଳ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

ଉଦଳା ବ୍ଲକ ତରଫରୁ ବିପର୍ଯ୍ୟୟ ବିପଦହ୍ରାସ ପାଇଁ ତାଲିମ କାର୍ଯ୍ୟକ୍ରମ

ବାରିପଦା /ଉଦଳା(ଅମୃତମିଡିଆ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ଭୁବନେଶ୍ୱର ଓ ମୟୂରଭଂଜ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅଧିନସ୍ଥ ବାଥୁଡ଼ି ସାଂସ୍କୃତିକ ଭବନ ଏବଂ କୋଚିଲାଡ଼ିହା ପଂଚାୟତ ଅଧିନସ୍ଥ ସୁଭଦ୍ରା ଶକ୍ତିକେନ୍ଦ୍ର ଠାରେ ବିପର୍ଯ୍ୟୟ ବିପଦହ୍ରାସ ଉପରେ ଏକ ଗ୍ରାମସ୍ତରୀୟ ୭ ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କୁଚିଲାଡ଼ିହା ପଂଚାୟତର ସରପଂଚ ସାରମଣି ହେମ୍ବ୍ରମ ଏବଂ ଖଲାଡ଼ି ପଂଚାୟତର ସରପଂଚ ସସ୍ମିତା ବାରିକ ଯୋଗ ଦେଇଥିବା ବେଳେ ଉଦ୍ ?ଯାପନି ଉତ୍ସବରେ ଉଦଳା ବ୍ଲକର ବିଡ଼ିଓ ସମରଜିତ କର, ଏବିଡ଼ିଓ ଶରତ କୁମାର ମହାନ୍ତି, ଡ଼ିପିଓ ଜଗବନ୍ଧୁ ମହାନ୍ତି ଏବଂ ଭାର୍ଡ଼ ସ୍ୱେଚ୍ଛାସେବି ଅନୁଷ୍ଠାନର ସଂପାଦକ ପ୍ରଭା ମଂଜରି ପଣ୍ଡା ଉପସ୍ଥିତ ଥିଲେ । ଏଥିରେ ଖଲାଡ଼ି ଓ କୋଚିଲାଡ଼ିହା ପଂଚାୟତରୁ ୧୮ ରୁ ୩୫ ବର୍ଷ ବୟସର ୪୦ଜଣ ଯୁବକ ଯୁବତି ଯୋଗଦେଇ ତାଲିମ ଗ୍ରହଣ କରିଥିଲେ । ଗ୍ରାମାଚଂଳରେ ବିପର୍ଯ୍ୟୟ ସମୟରେ ତୁରନ୍ତ ଉଧାର ଓ ରିଲିଫ କାର୍ଯ୍ୟ ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବିଙ୍କୁ ପ୍ରଶିକ୍ଷିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ଥିଲା । ଭାର୍ଡ଼ ସ୍ୱେଚ୍ଛାସେବି ଅନୁଷ୍ଠାନର ସଂପାଦକ ପ୍ରଭାମଂଜରି ପଣ୍ଡାଙ୍କ ସକ୍ରୀୟ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମକୁ ଉଦଳା ବ୍ଲକର ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଭାଗ୍ୟଶ୍ରୀ ନାୟକ ପରିଚାଳନା କରିଥିଲେ ।